بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୧୫ ନଭେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍**

## ସୁଲ୍‌ହା ହୁଦେବିୟାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ଆଜି ସୁଲ୍‌ହା ହୁଦେବିୟା ଘଟଣା ପ୍ରସଙ୍ଗରେ ଚର୍ଚ୍ଚା ଆରମ୍ଭ କରିବି । ସୁଲ୍‌ହା ହୁଦେବିୟା ୬ ହିଜ୍‌ରୀର ଜିଲ୍ କା’ଦା ମାସରେ ଅର୍ଥାତ ୬୨୮ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ସଂଘଟିତ ହୋଇଥିଲା । ତାହାକୁ ହୁଦେବିୟା ଯୁଦ୍ଧ ମଧ୍ୟ କହନ୍ତି । ହୁଦେବିୟା ଯୁଦ୍ଧ ସଂକ୍ରାନ୍ତରେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ଏକ ସମ୍ପୂର୍ଣ୍ଣ ସୁରଃ ଅର୍ଥାତ ସୁରଃ ଫତାଃ ଅବତୀର୍ଣ୍ଣ କଲେ । ଉକ୍ତ ସୁରଃର ପବିତ୍ର ପ୍ରାରମ୍ଭିକ ଆୟତଗୁଡ଼ିକରେ ଅଲ୍ଲାଃତାଲା କହିଛନ୍ତି, ସୁନିଶ୍ଚିତ ରୂପେ ଆମ୍ଭେ ତୁମକୁ ସ୍ପଷ୍ଟ ବିଜୟ ପ୍ରଦାନ କରିଛୁ । ଯଦ୍ଦ୍ୱାରା ଅଲ୍ଲାଃ ତୁମ ଠାରୁ ତୁମର ପୂର୍ବ ଓ ପରବର୍ତ୍ତୀ ତ୍ରୁଟି ମାର୍ଜନ କରିଦେବେ ଏବଂ ତୁମ ଉପରେ ନିଜ ପୁରସ୍କାର ଓ ଅନୁଗ୍ରହକୁ ସଂପୂର୍ଣ୍ଣ କରିଦେବେ ତଥା ତୁମକୁ ସଳଖ ମାର୍ଗରେ ପରିଚାଳିତ କରିଦେବେ । ଏତାଦୃଶ୍ୟ ଅଲ୍ଲାଃ ତୁମର ଏପରି ସାହାଯ୍ୟ କରିବେ ଯାହାକି ମର୍ଯ୍ୟାଦା ପୂର୍ଣ୍ଣ ଓ ବିଜୟ ପ୍ରାପ୍ତକାରୀ ସାହାଯ୍ୟ (ସିଦ୍ଧ) ହେବ ।

ହୁଦେବିୟା ଏକ କୂପର ନାମ । ଯାହାକି ଇସଲାମର ପ୍ରାରମ୍ଭିକ ସମୟରେ ପଥିକ ଓ ହିଜାଜ୍ (ତିର୍ଥଯାତ୍ରୀ)ଙ୍କ କାମରେ ଆସୁଥିଲା । କିନ୍ତୁ ସେଠାରେ କୌଣସି ଜନବସତୀ ନଥିଲା । ଉକ୍ତ ସ୍ଥାନଟି ମକ୍କା ଠାରୁ ୯ ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ତାହା ପବିତ୍ର ପୀଠସ୍ଥଳୀ ମକ୍କାର ପଶ୍ଚିମ ଦିଗରେ ରହିଥିଲା । ବିଭିନ୍ନ ବର୍ଣ୍ଣନା ଓ ଇତିହାସ ପୃଷ୍ଠାରୁ ଜଣା ଯାଉଛି ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ[ସ.ଅ] ଏକ ଦିବ୍ୟସ୍ୱପ୍ନ ଆଧାରରେ ହୁଦେବିୟାର ଯାତ୍ରା କରିଥିଲେ । ହୁଜୁର[ସ.ଅ] ସ୍ୱପ୍ନରେ ଦେଖିଥିଲେ ଯେ, ଆପଣ ନିଜ ଅନୁଚରମାନଙ୍କ ସାଙ୍ଗରେ ଶାନ୍ତିର ସହିତ ନିଜ ମସ୍ତକ ମୁଣ୍ଡନ କରି ତଥା ଚୁଟି କାଟି ମକ୍କା ସହରରେ ପ୍ରବେଶ କରିଛନ୍ତି ଏବଂ ବୈତୁଲ୍ଲାଃରେ ପଦାର୍ପଣ କରିଛନ୍ତି । ଆପଣ ବୈତୁଲ୍ଲାଃର ଚାବିକାଠି ସଂଗ୍ରହ କରିଛନ୍ତି ଏବଂ ଅରଫାତ୍‌ର ପଡ଼ିଆରେ ଅବସ୍ଥାନକାରୀଙ୍କ ସହିତ ଅବସ୍ଥାନ କରିଛନ୍ତି । ଏହି ସ୍ୱପ୍ନ ଆଧାରରେ ହୁଜୁର[ସ.ଅ] ଆରବ ଓ ଆଖପାଖର ମଫସଲି ଲୋକମାନଙ୍କୁ ଆହ୍ୱାନ ଦେଲେ ଯଦ୍ଦ୍ୱାରା ସେମାନେ ମଧ୍ୟ ଆପଣ [ସ.ଅ]ଙ୍କ ସାଥିରେ ଏହି ଯାତ୍ରା ପାଇଁ ବାହାରି ଯିବେ । ଏହି ଯାତ୍ରାରେ ମୁସଲମାନମାନଙ୍କ ନିକଟରେ କେବଳ ମିଆନରେ ସୁପ୍ତ ରହିଥିବା ଖଣ୍ଡା ବ୍ୟତୀତ ଅନ୍ୟ କୌଣସି ଅସ୍ତ୍ର ନଥିଲା । କାରଣ ସେହି ଯୁଗର ପ୍ରଚଳିତ ପ୍ରଥା ଥିଲା ଯେ, ପ୍ରତ୍ୟେକ ବ୍ୟକ୍ତି ଘରୁ ବାହାରକୁ ପାଦ କାଢ଼ିବା ମାତ୍ରେ ନିଜ ସାଥିରେ ଖଣ୍ଡା ରଖୁଥିଲେ ଏବଂ ଏହା ଜରୁରୀ ଥିଲା ଯେ, ଯାହା ନିକଟରେ ଖଣ୍ଡା ଅଛି ସେ ନିଶ୍ଚିତ ଯୁଦ୍ଧ କରିବ । ହଜରତ ଉମର[ର.ଅ] ନିଜ ସାଥିରେ ଅସ୍ତ୍ର ରଖିବା ସଂକ୍ରାନ୍ତରେ ପଚାରିବାରୁ ହୁଜୁର[ସ.ଅ] କହିଲେ; ଯେହେତୁ ମୁଁ ଉମ୍‌ରା (ଭ୍ରମଣ) କରିବା ଉଦ୍ଦେଶ୍ୟରେ ବାହାରିଛି ତେଣୁ ମୁଁ ଏହା ଚାହୁଁ ନାହିଁ ଯେ, ନିଜ ସାଥିରେ ଅସ୍ତ୍ରଶସ୍ତ୍ର ରଖିବି ।

ହଜରତ ମିର୍ଜା ବଶିର୍ ଅହେମଦ ସାହେବ[ର.ଅ] ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କର ଏହି ଦିବ୍ୟସ୍ୱପ୍ନର ଚର୍ଚ୍ଚା କରି କୁହନ୍ତି; ହୁଜୁର[ସ.ଅ] ଉକ୍ତ ସ୍ୱପ୍ନ ଦେଖିବା ପରେ ନିଜ ସାହାବା [ର.ଅ]ଙ୍କୁ ଡ଼ାକରା ଦେଲେ ଯେ, ସେମାନେ ଉମ୍‌ରା କରିବାକୁ ଯିବାର ପ୍ରସ୍ତୁତି କରନ୍ତୁ । ଉମ୍‌ରା ଏକ ଛୋଟ କିସମର ହଜ୍ (କରିବା) ସଦୃଶ ଉପାସନା । ଯାହାକୁ

ହଜ୍‌ର କେତେକ ଉପାସନାକୁ ବାଦ ଦେଇ ବୈତୁଲ୍ଲାଃର ପରିକ୍ରମା ଓ ପଶୁବଳି ଦିଆଯାଇଥାଏ । ଏହି ଉପାସନା ନିମନ୍ତେ କୌଣସି ନିର୍ଦ୍ଧିଷ୍ଟ ସମୟ ଧାର୍ଯ୍ୟ କରାଯାଇ ନାହିଁ, ତେଣୁ ବର୍ଷର କୌଣସି ସମୟରେ ଓ ଋତୁରେ ତାହା କରାଯାଇପାରେ ।

ହୁଦେବିୟା ଯୁଦ୍ଧରେ ମୁସଲମାନମାନଙ୍କ ସଂଖ୍ୟା ସମ୍ବନ୍ଧରେ ଇତିହାସ ପୃଷ୍ଠାରେ ଭିନ୍ନ ଭିନ୍ନ ବର୍ଣ୍ଣନା ଉଲ୍ଲେଖ ରହିଛି । ଯେଉଁଥିରେ ଏହି ସଂଖ୍ୟା ୧୦୦୦ରୁ ୧୭୦୦୦ ବର୍ଣ୍ଣନା କରାଯାଏ । ହୁଦେବିୟା ଅଭିମୁଖେ ଯାତ୍ରା ସମୟରେ ହୁଜୁର ସ.ଅଙ୍କ ସାଥିରେ ଆପଣ ସ.ଅଙ୍କ ସହଧର୍ମିଣୀ ହଜରତ ଉମ୍ମେ ସଲ୍‌ମା ଥିଲେ । ଆପଣସ.ଅ ଜିଲ୍ କା'ଦା ର ପ୍ରାରମ୍ଭରେ ଅର୍ଥାତ ସୋମବାର ଦିନ ପ୍ରସ୍ଥାନ କରିଥିଲେ ଏବଂ ଜୁଲ୍ ହୁଲେଫା ଠାରେ ପହଞ୍ଚି ଜୋହର୍ ନମାଜ ପାଠ କଲେ । ସେଥିଅନ୍ତେ ବଳି ଦେବାକୁ ସାଥିରେ ଆଣିଥିବା ପଶୁଗୁଡ଼ିକୁ ମଗାଇଲେ । ଯାହାର ସଂଖ୍ୟା ୭୦ଗୋଟି ଥିଲା, ସେମାନଙ୍କୁ ଗାନିଆଁ ଅର୍ଥାତ ହାର ପିନ୍ଧାଗଲା । ତତ୍ ପଶ୍ଚାତ ଓଟଗୁଡ଼ିକର କୁଜରେ ଚିହ୍ନ ଲଗାଇଲେ । ବାକି ଜୀବଗୁଡ଼ିକୁ ଜଣେ ସାହାବା ହଜରତ ନାଜିୟାର.ଅ ଚିହ୍ନ ଲଗାଇଲେ । ଏହି ଯାତ୍ରାରେ ମୁସଲମାନମାନଙ୍କ ନିକଟରେ ୨୦୦ଗୋଟି ଘୋଡ଼ା ରହିଥିଲେ ।

ନବୀଶିରୋମଣୀ ହଜରତ ମୁହମ୍ମଦସ.ଅ କୁରୈଶର ଅବସ୍ଥା ସମ୍ବନ୍ଧରେ ସୂଚନା ଆଣିବା ନିମନ୍ତେ ଜଣେ ଗୁପ୍ତଚରକୁ ପ୍ରେରଣ କଲେ । ସେଥିଅନ୍ତେ ଅଧିକ ସୁରକ୍ଷା ମୂଳକ ପଦକ୍ଷେପ ଗ୍ରହଣ କରି ୨୦ଜଣ ଆରୋହୀ ବିଶିଷ୍ଟ ଏକ ଦଳକୁ ଆଗତୁରା ମକ୍କା ଅଭିମୁଖେ ଅଗ୍ରସର ହେବାକୁ ଆଦେଶ ଦେଲେ । ରୁହା ନାମକ ସ୍ଥାନରେ ପହଞ୍ଚି ହୁଜୁର ସ.ଅଙ୍କୁ ସୂଚନା ମିଳିଲା ଯେ, ସେଠାରେ ଅମାନ୍ୟକାରୀମାନେ ଉପସ୍ଥିତ ଅଛନ୍ତି ଏବଂ ସେମାନେ ମୁସଲମାନମାନଙ୍କ ଉପରେ ହଠାତ୍ ଆକ୍ରମଣ କରି ପାରନ୍ତି । ଏହି ସନ୍ଦେଶ ମିଳିବା ମାତ୍ରେ ହୁଜୁରସ.ଅ ହଜରତ ଅବୁ କତାଦାଃ ଅନ୍‌ସାରୀ ର.ଅଙ୍କୁ ସାହାବାଙ୍କର ଏକ ଦଳ ସହିତ (ଆଗକୁ) ପ୍ରେରଣ କଲେ ।

ଏହି ଯାତ୍ରା ଅବଧିରେ ଲୋକମାନେ ହୁଜୁର ସ.ଅଙ୍କ ନିକଟରେ ରୁଣ୍ଡ ହେଲେ । ଯେତେବେଳେ ଆପଣ ସ.ଅଙ୍କ ସମ୍ମୁଖରେ ଏକ ଜଳପାତ୍ର ଥିଲା ଏବଂ ସେଥିରୁ ଆପଣ ଓଜୁ କରୁଥିଲେ । ସାହାବାକୁ ଏପରି ଏକତ୍ରିତ ଦେଖି ହୁଜୁରସ.ଅ ପ୍ରଶ୍ନ କଲେ କଥା କ'ଣ ? ସାହାବା ଅନୁରୋଧ ପୂର୍ବକ କହିଲେ; ଆଜ୍ଞା ଆପଣଙ୍କ ନିକଟରେ ଥିବା ପାତ୍ର ବ୍ୟତୀତ ଅନ୍ୟ କାହାରି ନିକଟରେ ମଧ ନା ପାନ କରିବାକୁ, ନା ହିଁ ଓଜୁ କରିବାକୁ ଟୋପାଏ ଜଳ ଅଛି । ଏହା ଶୁଣି ହୁଜୁରସ.ଅ ନିଜ ଜଳପାତ୍ରରେ ହାତ ରଖିଲେ ଏବଂ ସେହିକ୍ଷଣି ଆପଣ ସ.ଅଙ୍କ ଆଙ୍ଗୁଳି ମଧ୍ୟରୁ ନୀର'ର ସ୍ରୋତ ବହି ଚାଲିଲା । ହଜରତ ଜାବିର୍ର.ଅ କୁହନ୍ତି; ଆମେମାନେ ସେହି ଜଳ ପାନ କଲୁ ଏବଂ ଓଜୁ ମଧ କଲୁ । **ଯଦି ଆମେ ସଂଖ୍ୟା ଦୃଷ୍ଟିରୁ ଏକ ଲକ୍ଷ ମଧ ହୋଇଥାନ୍ତୁ ତେବେ ସୁଦ୍ଧା ସେହି ଜଳ ଆମମାନଙ୍କ ପାଇଁ ପର୍ଯ୍ୟାପ୍ତ ହୋଇ ଯାଇଥାନ୍ତା ।**

ହଜରତ ମସିହ ମଉଦଅ.ସ (ଏପରି) ଚମ୍‌ତ୍କାର ସଂକ୍ରାନ୍ତରେ କୁହନ୍ତି; (ପ୍ରଭୁଙ୍କୁ) ସାକ୍ଷାତ ଦର୍ଶନ କରିବା ସ୍ତରରେ (ଉପନୀତ ହେବା) ସମୟରେ କେତେକ ସ୍ଥଳେ ମନୁଷ୍ୟ ଦ୍ୱାରା ଏପରି କାର୍ଯ୍ୟ ସାଧିତ ହୋଇଯାଏ, ଯାହାକି ସୃଷ୍ଟିଗତ ସାମର୍ଥ୍ୟ ବହିର୍ଭୂତ ମନେ ହୋଇଥାଏ ଏବଂ ଐଶୀ ଭବ୍ୟତାର ରଙ୍ଗ ବହନ କରିଥାଏ । ଅନେକ ଚମତ୍କାର ରହିଛି ଯାହାକି ବ୍ୟକ୍ତିଗତ କ୍ଷମତା ଆକାରରେ ନବୀଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ । ଯାହା ସହିତ ଦୁଆର (ଆଂଶିକ) ପ୍ରଭାବ ନଥିଲା ।

କୁରୈଶ ଗୋଷ୍ଠୀଙ୍କୁ ଯେବେ (ମୁସଲମାନମାନଙ୍କ ଆଗମନର) ସୂଚନା ମିଳିବା ଯେ, ମୁସଲମାନମାନେ ଯୁଦ୍ଧ କରିବା ଉଦ୍ଦେଶ୍ୟରେ ନୁହେଁ ବରଂ ବୈତୁଲ୍ଲାଃର ଭ୍ରମଣ କରିବାକୁ ମକ୍କା ଆସୁଛନ୍ତି । ତଥାପି ସେମାନେ ତାଙ୍କୁ ଅଟକାଇବାକୁ ଉଦ୍ୟମ କଲେ । ଯେତେବେଳେ ହୁଜୁର ସ.ଅଙ୍କୁ ଏହି ସମ୍ବାଦ ମିଳିଲା ଯେ, କୁରୈଶ

(ମୁସଲମାନମାନଙ୍କ ସହିତ) ଯୁଦ୍ଧ କରିବା ନିମନ୍ତେ ବହୁତ ବଡ଼ ସେନା ଏକତ୍ରିତ କରିଛନ୍ତି ଏବଂ ସେମାନେ ହୁଜୁର ସ.ଅଙ୍କୁ ବୈତୁଲ୍ଲାଃର ପରିକ୍ରମା କରିବାରୁ ବିରତ ରଖିବାକୁ ଚାହୁଁଛନ୍ତି । ଏକଥା ଶୁଣିବା ପରେ ହୁଜୁରସ.ଅ ସାହାବାମାନଙ୍କ ସହିତ ପରାମର୍ଶ କଲେ ଏବଂ ବୈତୁଲ୍ଲାଃ ଆଡ଼କୁ ନିଜ ଯାତ୍ରା ଅବ୍ୟାହତ ରଖିଲେ ।

ଯେତେବେଳେ ହୁଜୁରସ.ଅ ହୁଦେବିୟାର ଘାଟିରେ ପହଞ୍ଚିଲେ ସେତେବେଳେ ଆପଣ ସ.ଅଙ୍କ ଓଟ କୁସୱା ବସି ପଡ଼ିଲା ଏବଂ ଚେଷ୍ଟା କରିବା ସତ୍ତ୍ୱେ ଆଗକୁ ଅଗ୍ରସର ହେଲା ନାହିଁ । ଲୋକମାନେ କହିଲେ; କୁସୱା ଅଡ଼ି ବସିଛି, ଏଥିରେ ହୁଜୁରସ.ଅ କହିଲେ; **କୁସୱା ଅଡ଼ି ନାହିଁ, ନା ଏପରି କରିବା ତାହାର ଅଭ୍ୟାସ ଅନ୍ତର୍ଗତ ।** ବରଂ ହସ୍ତକୁ ଅବରୋଧ କରିଦେବା ସତ୍ତା ଅର୍ଥାତ ପରାକ୍ରମୀ ଅଲ୍ଲାଃ ତାହାକୁ ଅଟକାଇ ଦେଇଛନ୍ତି । ସେହି ପରମ ଶକ୍ତିଶାଳୀ ଅଲ୍ଲାଃଙ୍କ ରାଣ ଯାହାଙ୍କ ହସ୍ତରେ ମୋ ଜୀବନ ନାଟିକା ରହିଛି ! କୁରୈଶ ଯାହା ଇଚ୍ଛା ମାଗନ୍ତି, ଯେଉଁଥିରେ ସେମାନେ ଅଲ୍ଲାଃଙ୍କ ମର୍ଯ୍ୟାଦା ପ୍ରତି ଯତ୍ନବାନ ଥିବେ, ମୁଁ ତାଙ୍କୁ ତାହା ସୁନିଶ୍ଚିତ ପ୍ରଦାନ କରିବି । ସେଥିଅନ୍ତେ ହୁଜୁରସ.ଅ ନିଜ ଓଟ ଉପରେ ବିରକ୍ତ ହେବାରୁ ସେ ଉଠି ପଡ଼ିଲା ।

ମୁସଲମାନମାନେ ହୁଦେବିୟାର ଯେଉଁ ସ୍ୱଳ୍ପ ଜଳସ୍ରୋତ ସ୍ଥଳେ ଅବସ୍ଥାନ କରିଥିଲେ । ସେଠାରୁ ଲୋକମାନେ ଜଳ ସଂଗ୍ରହ କରିବା ଆରମ୍ଭ କଲେ, ଏପରିକି ତାହା ଶୁଷ୍କ ହୋଇଗଲା । ହଜରତ ନାଜିୟାର.ଅ ବର୍ଣ୍ଣନା କରନ୍ତି ଯେ, ଜଳାଭାବର ଅଭିଯୋଗ ଯୋଗୁଁ ହୁଜୁରସ.ଅ ମୋତେ ଡ଼କାଇଲେ ଏବଂ ନିଜ ଧନୁଥଳୀରୁ ଏକ ତୀର ବାହାର କରି ମୋତେ ପ୍ରଦାନ କଲେ, ତା'ପରେ ଏକ ଜଳପୂର୍ଣ୍ଣ ପାତ୍ର ମଗାଇଲେ । ସେଥିରେ ହୁଜୁର ଓଜୁ କଲେ ଓ ସେହି ପାତ୍ରରେ ହିଁ କୁଳି କଲେ ଏବଂ କହିଲେ; ଏହାକୁ ନେଇ ସେହି ନିର୍ଝରରେ ଅଜାଡ଼ି ଦିଅ ଯାହାର ଜଳ ଶୁଷ୍କ ହୋଇଯାଇଛି ତଥା ତହିଁରେ ଏକ ତୀରକୁ ପୋତି ଦେବ । ଅତଏବ ମୁଁ ସେହିପରି ହିଁ କଲି, ସୁତରାଂ ମୁଁ ସେହି ପରମ ସତ୍ତାଙ୍କ ଶପଥ କରି କହୁଅଛି ଯେ ହୁଜୁର ସ.ଅଙ୍କୁ ସତ୍ୟର ସହିତ ପ୍ରେରଣ କରିଛନ୍ତି ! ମୁଁ ସେହି ପୁଷ୍କରିଣୀରୁ ବହୁ କଷ୍ଟରେ ବାହାରି ପାରିଲି । ମୋତେ ଜଳ ପ୍ରତ୍ୟେକ ଦିଗରୁ ଘେରି ନେଇଥିଲା ଏବଂ ଜଳ ଏପରି ଫୁଟୁ ଥିଲା ଯେପରି ହାଣ୍ଡିରେ ପାଣି ଫୁଟି ଥାଏ । **ଏପରିକି ଜଳସ୍ତର ବଢ଼ି ଚାଲିଲା ଏବଂ କୂଳ ପର୍ଯ୍ୟନ୍ତ ପରିପୂର୍ଣ୍ଣ ହୋଇଗଲା ।** ଲୋକମାନେ ତାହାର ତଟରୁ ଜଳ ସଂଗ୍ରହ କରିବା ଆରମ୍ଭ କରିଦେଲେ, ଏପରିକି ମୁସଲମାନମାନଙ୍କର କେହି ଜଣେ ହେଲେ ମଧ୍ୟ ଶୋଷିଲା ରହିଲେ ନାହିଁ ।

ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ ଏହି ଅବସର ଏକ ବର୍ଷା ହେବାର ମଧ୍ୟ ଚର୍ଚ୍ଚା କରିଛନ୍ତି । ଆପଣର.ଅ କୁହନ୍ତି; ସେହିଦିନ ରାତ୍ରିରେ (ପ୍ରବଳ) ବୃଷ୍ଟିପାତ ମଧ୍ୟ ହୋଇଥିଲା । ଅତଃ ଯେତେବେଳେ ଫଜର୍ ନମାଜ ପାଠ କରିବାକୁ ହଜରତ ମୁହମ୍ମଦସ.ଅ ଆସିଲେ ସେତେବେଳେ ସେହି ପଡ଼ିଆଟି ସମ୍ପୂର୍ଣ୍ଣ ଜଳମଗ୍ନ ରହିଥିଲା । ହୁଜୁରସ.ଅ ସାହାବାଙ୍କୁ ସ୍ମିତହାସ୍ୟ ପ୍ରକାଶ କରି କହିଲେ; ତୁମେମାନେ ଜାଣିଛ ଏହି ବର୍ଷା ଅବସରରେ ତୁମମାନଙ୍କ ପାଳନକର୍ତ୍ତା କ'ଣ କହିଛନ୍ତି ? ସାହାବା ଅଭ୍ୟାସଗତ ଭାବରେ କହିଲେ ଯେ, ପ୍ରଭୁ ଓ ତାଙ୍କ ରସୁଲ ଭଲଭାବରେ ଜାଣନ୍ତି । ହୁଜୁରସ.ଅ ଉତ୍ତର ଦେଲେ ପରମବ୍ରହ୍ମ କହିଲେ; ମୋ ଭକ୍ତମାନଙ୍କ ମଧ୍ୟରୁ କେତେକ ତ ଆଜିର ପାହାନ୍ତା ପ୍ରକୃତ ବିଶ୍ୱାସ (ରକ୍ଷା କରି) ଅତିବାହିତ କରିଛନ୍ତି ଏବଂ ଆଉ କେତେକ ଅବିଶ୍ୱାସରେ ପତିତ ହୋଇ ଆନ୍ଦୋଳିତ ହୋଇଯାଇଛନ୍ତି । କାରଣ ଯେ କେହି କହିଲା ଯେ, ଆମ ଉପରେ ପ୍ରଭୁଙ୍କ କୃପା ଓ ଦୟା ବଶତଃ ଏପରି ବୃଷ୍ଟିପାତ ହୋଇଛି ତେବେ ସେ ତ ବିଶ୍ୱାସରେ ପ୍ରତିଷ୍ଠିତ ରହିଲା । ଆଉ ଯେଉଁ ବ୍ୟକ୍ତି କହିଲା କି ଏହି ବୃଷ୍ଟିପାତ ଅମକ ଅମକ ତାରକାପୁଞ୍ଜର ପ୍ରଭାବରେ ହୋଇଛି । ତେବେ ସେ ନିଃସନ୍ଦେହରେ ଚନ୍ଦ୍ର, ସୂର୍ଯ୍ୟ ଉପରେ ବିଶ୍ୱାସ ଆଣିଲା କିନ୍ତୁ ପରମେଶ୍ୱରଙ୍କର ଅସ୍ୱୀକାରୀ ପାଲଟିଗଲା । ଏହି ଉକ୍ତି ଦ୍ୱାରା ଯାହାକି ଏକେଶ୍ୱରବାଦର ସମ୍ପଦରେ ପରିପୂର୍ଣ୍ଣ, ହୁଜୁରସ.ଅ ସାହାବାଙ୍କୁ (ଏଥି ମାଧ୍ୟମରେ) ଏହି ଶିକ୍ଷା ଦେଲେ ଯେ, ନିଃସନ୍ଦେହରେ ସାଧନର କ୍ରମିକତା ଅନ୍ତର୍ଗତ

ଏହି ଜଗତର କାରଖାନାକୁ ପରିଚାଳିତ କରିବା ନିମନ୍ତେ ବିଭିନ୍ନ କିସମର ସାଧନ ନିଯୁକ୍ତ (ଉପଲବ୍ଧ) ରହିଛି । ବର୍ଷା ହେବା ପରି ପ୍ରସଙ୍ଗରେ ଆକାଶିୟ ବ୍ୟବସ୍ଥାର ପ୍ରଭାବର ଅସ୍ୱୀକାର କରାଯାଇ ପାରିବ ନାହିଁ । କିନ୍ତୁ ପ୍ରକୃତ ଏକେଶ୍ୱରବାଦ ଏହିକି ଯେ, ମଧ୍ୟବର୍ତ୍ତୀ ମାଧ୍ୟମ ବ୍ୟତିରେକେ ମନୁଷ୍ୟର (ସିମୀତ) ଦୃଷ୍ଟିଶକ୍ତି ସେହି ପରମ ପ୍ରତାପୀ ସତ୍ତାଙ୍କ ଠାରୁ ଅନ୍ତର୍ଦ୍ଧାନ (ଅଭୁଲା) ନରହୁ ଯେ ଏହି ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା । **ଯାହା ବ୍ୟତୀତ ପ୍ରକାଶ୍ୟ ମାଧ୍ୟମ ମାତ୍ର ଏକ ନିର୍ଜୀବ କିଟ ଠାରୁ ବଳି ଅଧିକ କିଛି ନୁହେଁ ।**

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହୁଦେବିୟା ସଂକ୍ରାନ୍ତରେ ଆହୁରି କିଛି ଘଟଣାବଳୀ ବାକି ରହିଛି, ଯାହାକି ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି । ଏବେ ମୁଁ କେତେକ ମୃତକଙ୍କର ଚର୍ଚ୍ଚା କରିବା ସହିତ ସେମାନଙ୍କ ନମାଜ ଜନାଯାଃ ଗାଏବ ମଧ ପାଠ କରାଇବି ।

**ପ୍ରଥମ** ହେଲେ ଶ୍ରୀମାନ ଶହର୍‌ୟାର ରକିନ୍ ଶହିଦ୍ ପିତା ମୁହମ୍ମଦ ଅବ୍ଦୁଲ୍ଲାଃ ଓ୍ୱହାବ୍ ସାହେବ ଯେ କି ବଙ୍ଗଳାଦେଶ ନିବାସୀ ଥିଲେ । ଚଳିତ ଅଗଷ୍ଟ ମାସ ୫ତାରିଖ ଦିନ ପ୍ରଶାସନ ନିଜ ଶାସନ କ୍ଷମତା ହରାଇବା ପରେ ଦେଶରେ ଯେଉଁ ଅରାଜକତା ଓ ବିଶୃଙ୍ଖଳା ପୂର୍ଣ୍ଣ ପରିସ୍ଥିତି ଉପୁଜି ଥିଲା । ତାହାରି ଆଳରେ ଅହେମଦି ବିରୋଧୀମାନେ ସେଠାକାର ଅହେମଦନଗର ଜମାଅତ ଉପରେ ଆକ୍ରମଣ କରି ଦେଇଥିଲେ । ସେତେବେଳେ ସେମାନେ ଅହେମଦିମାନଙ୍କ ଘର ଭସ୍ମିଭୂତ କରିବା ପରେ ଜାମିୟା ଓ ଜଲ୍‌ସା ସ୍ଥଳୀ ଆଡ଼କୁ ମାଡ଼ି ଆସିଥିଲେ । ଯଦିଚ ସେମାନେ ଜାମିୟା ଅହେମଦିୟାରେ ପ୍ରବେଶ କରିବାରେ ସଫଳ ହୋଇପାରି ନଥିଲେ ତଥାପି ଜଲ୍‌ସା ସ୍ଥଳୀର ପଶ୍ଚାତ ପାର୍ଶ୍ୱରେ ଡ଼ିଉଟିରେ ମୁତୟନ ଥିବା ଖୁଦ୍ଦାମମାନଙ୍କୁ ଘେରି ନେଇଥିଲେ ଏବଂ ସେମାନଙ୍କ ଉପରେ ଅତର୍କିତ ଭାବରେ ଆକ୍ରମଣ କରି ଦେଇଥିଲେ । ସେତିକି ବେଳେ ପ୍ରିୟ ଶହର୍‌ୟାର ମସ୍ତକ ଭୀଷଣ ରୂପେ ଆଘାତ ହୋଇଥିଲା । ତିନିମାସର ଉପଚାର ସତ୍ତ୍ୱେ ଶେଷରେ ଚଳିତ ନଭେମ୍ବର ମାସ ୮ତାରିଖ ଦିନ ମାତ୍ର ୧୬ବର୍ଷ ବୟସରେ ସେ ଶହିଦ୍ ହୋଇଗଲେ । ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ଜୈନକ ଓକଫେ ନୌ ସ୍କିମ୍‌ରେ ସାମିଲ ଥିଲେ । ନିଜ ପଛରେ ପିତାମାତାଙ୍କ ବ୍ୟତୀତ ଦଦା ଦାଦି, ଜଣେ ଭଉଣୀ ଓ ଦୁଇଜଣ ଭାଇ ଛାଡ଼ି ଯାଇଛନ୍ତି । **ଦ୍ୱିତୀୟ** ମୃତକ ହେଲେ ଶ୍ରୀମାନ ଅବ୍ଦୁଲ୍ଲା ଅସଦ୍ ଓ୍ୱଦେଃ ସାହେବ ଯେ କି କବାବୀର ନିବାସୀ ଥିଲେ । ମୃତକ ଉଚ୍ଚ ସ୍ତରୀୟ ଲିପିକାର ଥିଲେ । ସେ ଅତ୍ୟନ୍ତ ନିଷ୍ଠାବାନ, ସ୍ୱାଭିମାନୀ ଓ ଜମାଅତର ସଚ୍ଚୋଟ ସେବକ ଥିଲେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] ମୃତକଙ୍କର କ୍ଷମା ଯାଚନା କରିବା ସହିତ ବୈକୁଣ୍ଠ ପୁରରେ ତାଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯକୁରୁଲ୍ଲାହା ୟଯକୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

15th November 2024

*Translated to Odia by :* Moulavi Anwar Ahmad Khan